To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ଆମେରିକାକୁ ସଂପୂର୍ଣ୍ଣ ଜାଳିପୋଡ଼ି ପାଉଁଶ କରିଦେବ ବୋଲି ଉତ୍ତରକୋରିଆର ଧମକ



R.N.I. No.-42041/83 Vol-15, Issue No.105, ଭଦ୍ରକ, ଶୁକ୍ରବାର, ୧୩, ଅକ୍ଟୋବର ୨୦୧୭ ■ Bhadrak, Friday, 13 October 2017 Rs. 2.00 Pages-8

# ତଲଓ୍ୱାର ଦମ୍ପତି ଦୋଷମୁକ୍ତ

## ଆରୁଷି-ହେମରାଜ ହତ୍ୟା ମାମଲା



ଆହ୍ଲାବାଦ, ୧୨।୧୦ : ବହୁଚର୍ଚ୍ଚିତ ଆରୁଷି-ହେମରାଜ ହତ୍ୟା ମାମଲାରେ ଆହ୍ଲାବାଦ ହାଇକୋର୍ଟ ପ୍ରମାଣ ଅଭାବରୁ ରାଜେଶ ଓ ନୁପୁର ତଲଓ୍ୱାରଙ୍କୁ ଦୋଷମୁକ୍ତ କରିଛନ୍ତି । ତଲଓ୍ୱାର ଦମ୍ପତି ସିବିଆଇ କୋର୍ଟର ନିଷ୍ପତ୍ତି ବିରୋଧରେ ହାଇକୋର୍ଟରେ ଅପିଲ କରିଥିଲେ । ୨୦୧୩ ନଭେମ୍ବର ୨୬ରେ ସିବିଆଇ କୋର୍ଟ ତଲଓ୍ୱାର ଦମ୍ପତିଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ତଲଓ୍ୱାର ଦମ୍ପତି ଏହି ସମୟରେ ଗାଜିଆବାଦର ଡାସନା ଜେଲରେ ସଜା କାଟୁଥିଲେ । କୋର୍ଟର ଏହି ନିଷ୍ପତ୍ତି ପରେ ତଲଓ୍ୱାର ଦମ୍ପତିଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି । ଏହି ଶୁଣାଣି ସମୟରେ ଦମ୍ପତି ଭାବୁକ ହୋଇପଡ଼ିଥିଲେ । ହାଇକୋର୍ଟ କହିଛନ୍ତି ଯେ ସନ୍ଦେହ ଆଧାରରେ ତ ସୁପ୍ରିମକୋର୍ଟ ମଧ୍ୟ ଏମିତି ସଜା କେବେ ଦେଇ ନାହିଁ । ସିବିଆଇ ତଦନ୍ତରେ ଅନେକ ତ୍ରୁଟି ରହିଛି । ସନ୍ଦେହ ଆଧାରରେ ତଲଓ୍ୱାର ଦମ୍ପତିଙ୍କୁ ତୁରନ୍ତ ଜେଲରୁ ମୁକ୍ତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟର ଜଜ ବିଚାରପତି ଏକେ ମିଶ୍ରା ଏହି ମାମଲାର ଶୁଣାଣି କରିଛନ୍ତି । ଆହ୍ଲାବାଦ ହାଇକୋର୍ଟର ତଲଓ୍ୱାର ଦମ୍ପତିଙ୍କ ଯାଚିକା ୨୦୧୬ ସେପ୍ଟେମ୍ବରରୁ ଜାରି ରହିଥିଲା । ୨୦୧୭ ଜାନୁଆରୀ ୧୧ରେ ଏହି ମାମଲାର ଶୁଣାଣି ପୁରା ହୋଇଥିଲା । ହାଇକୋର୍ଟର ୨୦୧୭ ଅକ୍ଟୋବର ୧୨ରେ



ଏହି ବହୁଚର୍ଚ୍ଚିତ ମାମଲାର ନିଷ୍ପତ୍ତି ଶୁଣାଇବା ପାଇଁ ତାରିଖ ନିର୍ଦ୍ଧାରିତ କରିଥିଲେ । ଆଜି ହାଇକୋର୍ଟ ସନ୍ଦେହର ଲାଭ ଦେଇ ତଲଓ୍ୱାର ଦମ୍ପତିଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । କୋର୍ଟର ନିର୍ଣ୍ଣୟ ଶୁଣିବା ପରେ ଆରୁଷିର ପିତା ମାତା ଭାବୁକ ହୋଇ ପଡ଼ିଥିଲେ । ନିର୍ଣ୍ଣୟ ଆସିବା ପୂର୍ବରୁ ତଲଓ୍ୱାର ଦମ୍ପତି ବହୁତ ମାନସିକ ଚାପରେ ଥିଲେ । (ପୃଷ୍ଠା-୭)

## ନାବାଳିକାକୁ ଯବାନଙ୍କ ଗଣଦୁଷ୍କର୍ମ ଘଟଣା

# ଖୋଜୁଛି ପୋଲିସ

- ତଦନ୍ତର ନେତୃତ୍ୱ ନେଲେ ଏସ୍‌ପି ଆର.ବି. ସିଂହ
- ଉପଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ଆନ୍ଦୋଳନସ୍ଥଳ ପରିଦର୍ଶନ
- ଆନ୍ଦୋଳନ ପ୍ରତ୍ୟାହୃତ



କୋରାପୁଟ, ୧୧।୧୦ (ସକାଳ ଖବର): କୋରାପୁଟ ଜିଲ୍ଲା ପଟାଙ୍ଗୀ ଥାନା ଅନ୍ତର୍ଗତ ସୋରିଷପଦର ବିଦ୍ୟାଳୟର ଜନୈକା ନବମ ଶ୍ରେଣୀ ଛାତ୍ରୀ ୪ଜଣ ଯବାନଙ୍କ ଦ୍ୱାରା ଗଣଦୁଷ୍କର୍ମର ଶୀକାର ହେବା ଘଟଣାର ପ୍ରତିବାଦରେ ଗ୍ରାମବାସୀ ଓ ପୀଡ଼ିତାଙ୍କ ପରିବାର ପକ୍ଷରୁ ୨୬ନଂ ଜାତୀୟ ରାଜପଥର କୁନ୍ଦୁଲି ଠାରେ ଚାଲିଥିବା ରାସ୍ତାରୋକ ୩୪ ଘଂଟା ପରେ ଗତକାଲି ବିଳମ୍ବିତ ରାତିରେ ପ୍ରତ୍ୟାହୃତ ହୋଇଛି । ଫଳରେ କୋରାପୁଟ-ବିଶାଖାପାଟଣା ଯାନବାହନ ଚଳାଚଳ ସ୍ୱାଭାବିକ୍ ହୋଇଛି । କ୍ରାଇମବ୍ରାଂଚର ସ୍ୱତନ୍ତ୍ର ଟିମ୍ ଓ ଫରେନସିକ୍ ଟିମ୍ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ଗତ ୧୦ ତାରିଖ ମଧ୍ୟାହ୍ନରେ ୪ଜଣ ଯବାନଙ୍କ ଦ୍ୱାରା ନାବାଳିକା ଜଣକ ଗଣଦୁଷ୍କର୍ମର ଶୀକାର ହୋଇଥିବାର ଅଭିଯୋଗ ହୋଇଛି । ସେ ପାସପୋର୍ଟ ଫୋଟୋ ଉଠାଇବାକୁ କୁନ୍ଦୁଲି ହାଟପଦା ହାଟକୁ ଯାଇ ସେଠାରୁ ଫେରୁଥିବା ସମୟରେ ସୋରିଷପଦର ନିକଟରେ ଯବାନମାନେ ତାଙ୍କୁ ରାସ୍ତାରୁ ଜଙ୍ଗଲକୁ ଉଠାଇ ନେଇ ବଳପୂର୍ବକ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ପୀଡ଼ିତା ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଅଛନ୍ତି । ଘଟଣାର ପ୍ରତିବାଦ ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ (ପୃଷ୍ଠା-୭)

## ହିମାଚଳ ପ୍ରଦେଶରେ ବାଜିଲା ନିର୍ବାଚନୀ ବିଗୁଲ

# ନଭେମ୍ବର ୯ରେ ମତଦାନ, ଡିସେମ୍ବର ୧୮ରେ ଭୋଟ ଗଣତି

ନୂଆଦିଲ୍ଲୀ, ୧୧।୧୦ : ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନର ବିଗୁଲ ବାଜି ଯାଇଛିଛ ନିର୍ବାଚନ ଆୟୋଗ ହିମାଚଳ ପ୍ରଦେଶର ନିର୍ବାଚନ ତାରିଖ ଘୋଷଣା କରିଛନ୍ତି । ରାଜ୍ୟରେ ଗୋଟିଏ ଚରଣରେ ନଭେମ୍ବର ୯ରେ ମତଦାନ ହେବ ଏବଂ ଭୋଟ୍ ଗଣତି ଡିସେମ୍ବର ୧୮ରେ ହେବଛ ଆଜିଠୁ ରାଜ୍ୟରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇ ଯାଇଛି । ହିମାଚଳ ପ୍ରଦେଶରେ ମୋଟ୍ ୭୫୨୧ ଭୋଟ୍ ଗ୍ରହଣ କେନ୍ଦ୍ର କରାଯିବ । ନର୍ବାଚନରେ ଭୋଟ୍ ଗ୍ରହଣ ସମୟରେ ଭୋଟ ପରିଚୟ ପତ୍ର ବ୍ୟବହାର କରାଯିବଛ ପ୍ରତ୍ୟେକ ପ୍ରାର୍ଥୀ ସର୍ବାଧିକ ୨୮ ଲକ୍ଷ ଟଙ୍କା ଖର୍ଚ୍ଚ କରି ପାରିବେ ବୋଲି ନିର୍ବାଚନ ଅୟୋଗ ଅଚଳ କୁମାର ଜ୍ୟୋତି କହିଛନ୍ତି । ହିମାଚଳ ପ୍ରଦେଶରେ ୭ ହଜାର ୫୨୧ ମତଦାନ କେନ୍ଦ୍ର ରହିଛି । ରାଜ୍ୟର ସମସ୍ତ ବୁଥରେ ଭିଭିପାଟ ବ୍ୟବସ୍ଥା କରାଯିବଛ ହିମାଚଳ ପ୍ରଦେଶ ଦେଶରେ ପ୍ରଥମ ରାଜ୍ୟ ହେବ ଯେଉଁଠି ସମସ୍ତ ପୋଲିଂ ଷ୍ଟେସନରେ ମେସିନର ବ୍ୟବହାର କରାଯିବ । ନିର୍ବାଚନ ରାଲିର ଭିଡିଓଗ୍ରାଫି ହେବା ବୋଲି ନିର୍ବାଚନ ଆୟୋଗ କହିଛନ୍ତି । ନିର୍ବାଚନ ସମୟରେ ସୁରକ୍ଷା ଦୃଷ୍ଟି କୋଣରୁ ରାଜ୍ୟରେ ଅର୍ଦ୍ଧସାମରିକ ବଳ ମୁତୟନ କରାଯିବ । ଆଜି ନିର୍ବାଚନ ଆୟୋଗ ଗୁଜରାଟ ବିଧାନସଭାର ନିର୍ବାଚନ ତାରିଖ ଘୋଷଣା କରିନାହାନ୍ତି ।

# ମଧ୍ୟାହ୍ନ ଭୋଜନ ଖାଇ ୮୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଗୁରୁତର

- ▶ ଖାଦ୍ୟରୁ ବାହାରିଲା ଝିଟିପିଟି
- ▶ ଘଟଣା ପରେ ଉତ୍ତେଜନା
- ▶ ସହକାରୀ ଶିକ୍ଷକ ନିଲମ୍ବିତ

ଭଦ୍ରକ/ଧାମନଗର, ୧୧।୧୦ (ସକାଳ ଖବର): ଭଦ୍ରକ ଜିଲା ଧାମନଗର ବ୍ଲକ ଦଇପୁର ପଞ୍ଚାୟତ ଅନ୍ତର୍ଗତ ନାରାୟଣପୁର ଇନ୍ଦ୍ରଗୋବିନ୍ଦ ନୋଡାଲ ବିଦ୍ୟାଳୟରେ ଆଜି ମଧ୍ୟାହ୍ନ ଭୋଜନରେ ଝିଟିପିଟି ପଡିବା ଏବଂ ସେହି ଖାଦ୍ୟକୁ ଖାଇ ବିଦ୍ୟାଳୟର ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅସୁସ୍ଥ ହୋଇ ପଡିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି । ପୂର୍ବଭଳି ବିଦ୍ୟାଳୟରେ ଆଜି ମଧ୍ୟାହ୍ନ ଭୋଜନ ରୋଷେଇ ସରିବା ପରେ ଛାତ୍ରଛାତ୍ରୀମାନଙ୍କୁ ଭାତ ସହିତ ଡାଲମା ଖାଇବାକୁ ଦିଆଯାଇଥିଲା । ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ପିଲାଙ୍କୁ ଏହି ଖାଦ୍ୟ ଦିଆଯିବା ପରେ ପରବର୍ତ୍ତୀ ସମୟରେ ରୋଷେଇ ହୋଇଥିବା ଡାଲମା ହାଣ୍ଡିରୁ ମୃତ ଝିଟିପିଟି ବାହାରିଥିଲା । ସଙ୍ଗେ ସଙ୍ଗେ ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଶିକ୍ଷକ ପିଲାମାନଙ୍କୁ ଖାଇବା ବନ୍ଦ କରିଦେଇ ସେମାନଙ୍କୁ ବିସ୍କୁଟ ଦେଇଥିଲେ । ପ୍ରାୟ



୩୦ମିନିଟ ପରେ ଶିକ୍ଷକ ବିଦ୍ୟାଳୟ ଛୁଟି କରିଦେଇଥିଲେ । ବାଟରେ ଦୁଇଜଣ ଛାତ୍ରଙ୍କ ହଠାତ ବାନ୍ତି ହେବାରୁ ସଙ୍ଗେ ସଙ୍ଗେ ବିଦ୍ୟାଳୟର ଶିକ୍ଷକଙ୍କୁ ଖବର ଦିଆଯାଇଥିଲା । ତୁରନ୍ତ ଆହତ ପିଲାଙ୍କ ସହ ସେହି ଖାଦ୍ୟ ଖାଇଥିବବା ଅନ୍ୟ ଛାତ୍ରଛାତ୍ରୀ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ସଂଗେ ସଂଗେ ଧାମନଗର ସ୍ୱାସ୍ଥ କେନ୍ଦ୍ରକୁ ଅଣାଯାଇଥିଲା । ଏମାନଙ୍କ ମଧ୍ୟରୁ ଶୁଭଶ୍ରୀ ପାଗଳ, ଇପସିତା ନାଥ, ଅମିତ ଦାସ ଓ ରାଜଲକ୍ଷ୍ମୀ ସାହୁ ଅଧିକ ଗୁରୁତର ହେବାରୁ ସେମାନଙ୍କୁ ଭଦ୍ରକ ଡାକ୍ତରଖାନା ପଠାଯାଇଛି । ଅନ୍ୟ ଅସୁସ୍ଥ ଛାତ୍ରଛାତ୍ରୀମାନଙ୍କୁ ଧାମନଗର ଡାକ୍ତରଖାନାରେ ଚିକିତ୍ସିତ କରାଯାଉଛି । ଖବରପାଇ ଭଦ୍ରକ ସାଂସଦ ଅର୍ଜୁନ ଚରଣ ସେଠୀ, ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲାପାଳ ଜ୍ଞାନରଞ୍ଜନ ଦାସ, ସିଡିଏମଓ ଗୀତାଞ୍ଜଳି ପଟ୍ଟନାୟକ, ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବିଡିଓ ନରହରି ବେହେରା, ତହସିଲଦାର ଚାଲର୍ସ ନାୟକ, ଧାମନଗର ମେଡିକାଲ ଅଫିସର ଡା.ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀଚରଣ ମଲ୍ଲିକ ଓ ନିରଞ୍ଜନ କର ପ୍ରମୁଖ ଘଟଣାସ୍ଥଳେ ପହଞ୍ଚି ଅସୁସ୍ଥ ଛାତ୍ରଛାତ୍ରୀ ମାନଙ୍କର ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ । ଏହି ଘଟଣାର ଜିଲାପାଳ ଶ୍ରୀ ଦାସ ଦାୟିତ୍ୱରେ (ପୃଷ୍ଠା-୭)

## ୩ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମାଓବାଦୀ କମାଣ୍ଡର ଗିରଫ

ମାଲକାନଗିରି, ୧୧।୧୦ (ସକାଳ ଖବର): ମାଲକାନଗିରି ଜିଲ୍ଲା ସୀମାନ୍ତ ବିଜାପୁର ଜିଲ୍ଲାସ୍ଥ ଫୁଟାପାଲି ଗାଁ ଜଙ୍ଗଲରେ ଜିଲ୍ଲାପୁଲିସ କମ୍ବିଂଅପରେସନ କରୁଥିବା ସମୟରେ ସେହି ଜଙ୍ଗଲରୁ ଜଣେ ମାଓବାଦୀ କମାଣ୍ଡରକୁ ଗିରଫ କରିବାରେ ସଫଳହୋଇଛନ୍ତି । ଫୁଟାପାଲି ଜଙ୍ଗଲରେ କିଛି ମାବାଦୀ ବୁଲୁଥିବାର ଖବରପାଇ ସେଠାକୁ ଜିଲ୍ଲାପୁଲିସ ଆମ୍ବୁସ ଲଗାଇ ଜଗିରହିଥିଲେ ,ପୁଲିସ ମାନଙ୍କୁ ଦେଖି ମାଓବାଦୀ ମାନେ ଲୁଚି ଦୌଡିପଳାଉଥିବା ବେଳେ ପୁଲିସ ସେମାନଙ୍କ ମଧ୍ୟରୁ ଜଣକୁ ଗୋଡାଇ ଧରିଥିଲେ । ଏହି ମାଓବାଦୀ ମାନେ ନିକଟସ୍ଥ ଅଚଂଳରେ କୌଣସି ଏକ ବଡ ଧରଣର ହିସାଂକାଣ୍ଡ ଘଟାଇବା ପାଇଁ ଉକ୍ତ ଜଙ୍ଗଲରେ ଯୋଜନା କରୁଥିବାର ପୁଲିସ କହିଛନ୍ତି । ଗିରଫ ହୋଇଥିବା ମାଓବାଦୀ କମାଣ୍ଡର ପୁନେମ ସୁନା ଫୁଟାପାଲି ଏରିଆ ଉସୁର ମାଓବାଦୀ କମାଣ୍ଡର ଭାବେ ଗତ ୭ବର୍ଷ ଧରି କାର୍ଯ୍ୟକରୁଥିଲା ।

## ୧୪ରେ ବିଜେପିରେ ଯୋଗ ଦେବେ ଲୁଲୁଙ୍କ ପରିବାର

ଭୁବନେଶ୍ୱର, ୧୧।୧୦ (ସକାଳ ଖବର): ପୂର୍ବତନ ବିଧାୟକ ତଥା ଦିବଂଗତ କଂଗ୍ରେସ ନେତା ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର (ଲୁଲୁ ମହାପାତ୍ର) ଙ୍କ ଝିଅ ଉପାସନା ଓ ସାନ ଭାଇ ଲଳିତେନ୍ଦୁ ଆସନ୍ତା ୧୪ ତାରିଖରେ ବିଜେପିରେ ଯୋଗ ଦେବେ । ଶନିବାର ଦିନ ସ୍ଥାନୀୟ ପ୍ରଦର୍ଶନୀ ପଡିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ମିଶ୍ରଣ ପର୍ବରେ ସେମାନେ ବିଧିବଦ୍ଧ ଭାବେ ବିଜେପିରେ ଯୋଗ ଦେବେ । ଏହା ପୂର୍ବରୁ ଏକ ବିରାଟ ଶୋଭାଯାତ୍ରା ହେବାର ମଧ୍ୟ କାର୍ଯ୍ୟକ୍ରମ ରହିଛି । ସେମାନଙ୍କ ସହ ଲୁଲୁ ସେନାର ସଦସ୍ୟ ମାନେ ମଧ୍ୟ ବିଜେପିରେ ଯୋଗ ଦେବେ ।



ବିନ୍ଦୁସାଗରରେ ବିଜେପିର ଜଳ ସତ୍ୟାଗ୍ରହ



ନେବାର ଭଲ ଉପାୟ ହେଉଛି ଦେବା ।

# ମୋଦି-ଶାହାଙ୍କୁ ଦାମ ବାଣ

- ❑ ଆଟାକିଂ ମୁଡ୍‌ରେ ବିଜେଡି
- ❑ ମୁଖ୍ୟମନ୍ତ୍ରୀଙ୍କୁ ହୀନମନ୍ୟତା କରିବା ପାଇଁ ବିଜେପିର ଉଦ୍ୟମ

ଭୁବନେଶ୍ୱର, ୧୧।୧୦ (ସକାଳ ଖବର): ଓଡିଶାକୁ ବଦନାମ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ହୀନମନ୍ୟତା କରିବା ପାଇଁ ବିଜେପିର ରାଜ୍ୟ ଓ କେନ୍ଦ୍ରୀୟ ନେତା ଅହରହ ଉଦ୍ୟମ ଆରମ୍ଭ କରିଛନ୍ତି । କେନ୍ଦ୍ରରେ ଶାସନ କ୍ଷମତାର ନେତୃତ୍ୱ ନେଉଥିବା ମୋଦି ଦେଶର ସମସ୍ତ ରାଜ୍ୟରେ ତାଙ୍କ ଦଳ କିପରି ଆସିବ ଏବଂ ମନୋମୁଖୀ ଶାସନ କରିବେ ତାହା ତାଙ୍କର ଲକ୍ଷ୍ୟ । ଏଥିପାଇଁ ସବୁ ବିଧି ବିଧାନ ଓ ପରମ୍ପରାକୁ ସେ ଉଲ୍ଲଂଘନ କରିଚାଲିଛନ୍ତି ବୋଲି ବିଜେଡିର ବରିଷ୍ଠ ନେତା ତଥା ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ମୋଦି ସରକାର କ୍ଷମତାସୀନ ହେବା ପରେ ଓଡିଶାକୁ ବିଭିନ୍ନ କ୍ଷେତ୍ରରେ ଅବହେଳା କରୁଥିଲା ବେଳେ ଓଡିଶାରେ ନବୀନ ସରକାର କିଛି କରୁ ନାହିଁ ବୋଲି ବିଜେପି ପକ୍ଷରୁ କ୍ରମାଗତ ଭାବରେ ଚାଲିଥିବା ଅପପ୍ରଚାର ଜନ ସାଧାରଣଙ୍କର ମନରେ ବିଭ୍ରାନ୍ତ ଅଣାଯାଉଛି ବୋଲି ସେ କହିଛନ୍ତି । ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ସଭାଗୃହରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଡା. ରାଉତ କହିଥିଲେ ଯେ ୧୯୫୨ ମସିହାରୁ ୨୦୧୪ ପର୍ଯ୍ୟନ୍ତ ଯେତେ ପ୍ରଧାନମନ୍ତ୍ରୀ ହୋଇଛନ୍ତି ସେମାନେ ସମ୍ବିଧାନର ସଂଘୀୟ ବ୍ୟବସ୍ଥାକୁ କେବେ ଉଲ୍ଲଂଘନ କରୁନଥିଲେ କିମ୍ବା ଦଳୀୟ ଭାବନା ନେଇ ନିଷ୍ପତି ନେଉ ନଥିଲେ । ଯାହା ମୋଦିଙ୍କ କ୍ଷେତ୍ରରେ ଦେଖାଦେଇଛି । କେନ୍ଦ୍ରରେ ଯେଉଁମାନେ ଶାସନରେ ରହୁଛନ୍ତି ସେ , କଂଗ୍ରେସ , ବିଜେପି ବା ଏନଡିଏ ହେଉ ସମ୍ପୃକ୍ତ ଦଳର ମୁଖ୍ୟମାନେ ଓଡିଶାକୁ ଦଖଲ କରିବା ପାଇଁ ବ୍ୟସ୍ତ ବିବ୍ରତ ହେଇପଡୁଛନ୍ତି । ବାସ୍ତବରେ ଓଡିଶାରେ ବିକାଶ ଘଟିଛି କି ନାହିଁ ସେନେଇ ଏକ ତୁଳନାତ୍ମକ ବିବରଣୀ ପ୍ରଦାନ କରିଥିଲେ । ସେ କହିଛନ୍ତି ଯେ ଓଡିଶାରେ ସାକ୍ଷରତା ହାର ପୁରୁଷ ୮୧.୬ପ୍ରତିଶତ ଏବଂ ମହିଳା ୬୪ ପ୍ରୟତିଶତ ଥିବା ବେଳେ ରାଜସ୍ଥାନରେ ୫୦.୫୧ ପ୍ରତିଶତ ଏବଂ ମହିଳା ୫୨.୬୬ , ଗୁଜୁରାଟରେ ୮୭.୨୩ ଓ ମହିଳା ୭୦.୭୩ , ଛତିଶଗଡ ୮୧.୪୫ ପ୍ରତିଶତ ମହିଳା ୬୦.୫୬ ପ୍ରତିଶତ ଏବଂ ଝାଡଖଣ୍ଡରେ ପୁରୁଷ ସାକ୍ଷରତା ହାର ୭୮.୪୫ ପ୍ରତିଶତ ରହିଥିବା ବେଳେ ମହିଳା ସାକ୍ଷରତା ହାର ୫୬.୨୧ ପ୍ରତିଶତ ରହିଛି । ସେହିପରି ଶିଶୁ ମୃତ୍ୟୁ ହାରରେ ଓଡିଶାରେ ପ୍ରତି ହଜାରେ ଶିଶୁରେ ଓଡିଶାରେ ୪୦ ଜଣ ଶିଶୁ ମୃତ୍ୟୁ ବରଣ କରୁଥିବା ବେଳେ ରାଜସ୍ଥାନରେ ୪୯ , ଗୁଜରାଟରେ ୩୬ , ଛତିଶଗଡରେ ୪୬ ଓ ଝାଡଖଣ୍ଡରେ ୩୮ । ମାତୃ ମୃତ୍ୟୁ ହାର (ପ୍ରତି ଲକ୍ଷରେ) ଓଡିଶାରେ ୨୫୮ ରାଜସ୍ଥାନରେ ୨୫୫ , ଗୁଜରାଟରେ



୧୨୨, ଛତିଶଗଡ ୨୩୦ ଓ ଝାଡଖଣ୍ଡରେ ୨୧୯ ରହିଛି । ଆନୁଷ୍ଠାନିକ ପ୍ରସବ ଓଡିଶାରେ ୮୫.୦୪ ପ୍ରତିଶତ , ରାଜସ୍ଥାନରେ ୮୪ , ଗୁଜରାଟ ୮୮.୭ , ଛତିଶଗଡରେ ୭୦.୨ ଓ ଝାଡଖଣ୍ଡରେ ୬୧.୯ ପ୍ରତିଶତ ରହିଛି । ଲିଙ୍ଗ ଅନୁପାତରେ (ପ୍ରତି ହଜାରରେ)ଓଡିଶାରେ ୯୭୯ , ରାଜସ୍ଥାନ ୮୬୧ , ଗୁଜରାଟ ୮୫୪ , ଛତିଶଗଡ ୯୬୧ ଓ ଝାଡଖଣ୍ଡରେ ୯୦୨। ସେହିପରି ଜିଡିପି ଅଭିବୃଦ୍ଧି (ପୃଷ୍ଠା-୭)

# ପୋଲସରା ବିଧାୟକଙ୍କ ବିରୋଧରେ ଜାଲ୍ ସାର୍ଟିଫିକେଟ୍ ଦାଖଲ ଅଭିଯୋଗ

ଭୁବନେଶ୍ୱର, ୧୧।୧୦ (ସକାଳ ଖବର): ଗଂଜାମ ଜିଲ୍ଲା ପୋଲସରା ନିର୍ବାଚନ ମଣ୍ଡଳୀର ବିଧାୟକ ଶ୍ରୀକାନ୍ତ ସାହୁ ସତ୍ୟପାଠ ବେଳେ ଜାଲ୍ ସାର୍ଟିଫିକେଟ୍ ଦେଇଥିବା ଅଭିଯୋଗ ହୋଇଛି । ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ସ୍ଥାନୀୟ ନାଗରିକ ମଂଚ ପକ୍ଷରୁ ଦାବି କରାଯାଇଛି । ଶ୍ରୀ ସାହୁ ସତ୍ୟପାଠରେ ସେ ଦଶମ ଶ୍ରେଣୀ ପାସ୍ ବୋଲି ଦର୍ଶାଇ ଜାଲ୍ ସାର୍ଟିଫିକେଟ୍ ଦେଇଥିଲେ । ମାତ୍ର ଏହି ଅଭିଯୋଗକୁ ଖଣ୍ଡନ କରି ଶ୍ରୀ ସାହୁ କହିଛନ୍ତି ଯେ ସେ ହାଟଡିହି ସ୍କୁଲରୁ ଏହି ସାର୍ଟିଫିକେଟ୍ ନେଇ ଦେଇଥିଲେ ।

## କାର୍ଯ୍ୟାନୁଷ୍ଠାନ ଲାଗି ସ୍ଥାନୀୟ ନାଗରିକ ମଞ୍ଚର ଦାବି

ସେଥିରେ ପ୍ଲକ୍‌ଡ୍ ୧୦ ଲେଖାଯାଇଛି କିନ୍ତୁ ଦଶମ ପାସ୍ କରିଛନ୍ତି ବୋଲି ଲେଖାଯାଇ ନାହିଁ । ଅନ୍ୟପକ୍ଷରେ ବିଧାୟକଙ୍କ ବିରୋଧରେ ନିର୍ବାଚନ କମିଶନ କାର୍ଯ୍ୟାନୁଷ୍ଠାନ ନେବା ଲାଗି ମଂଚ ପକ୍ଷରୁ ଦାବି କରାଯାଇଛି । ଗୁରୁବାର ଦିନ ଭୁବନେଶ୍ୱରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମଂଚ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ବିଧାୟକ ଶ୍ରୀକାନ୍ତ ସାହୁ ବିଧାନସଭା ନିର୍ବାଚନ ବେଳେ ଦାଖଲ କରିଥିବା ସତ୍ୟପାଠରେ ଗଞ୍ଜାମ ହାଡଡିହି ହାଇସ୍କୁଲରୁ ଦଶମ ଶ୍ରେଣୀ ପାସ୍ କରିଥିବା ଦର୍ଶାଇଥିଲେ। ବିଧାନସଭା ୱେବସାଇଟରେ ମଧ୍ୟ ଶ୍ରୀକାନ୍ତଙ୍କ ଶିକ୍ଷାଗତ ଯୋଗ୍ୟତା ଦଶମ ପାସ୍ ଲେଖାଯାଇଛି। ପୁଣି କୋଦଳା ଲକ୍ଷ୍ମୀନାରାୟଣ କଲେଜରେ ଯୁକ୍ତ ଦୁଇରେ ଆଡମିଶନ ବେଳେ ସେ ହିଞ୍ଜିଳିକାଟୁର ବୃନ୍ଦାବନ ବିଦ୍ୟାପୀଠ ଓ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ସରକାରୀ ଜୁନିୟର କଲେଜରୁ ମାଟ୍ରିକ୍ ପାସ କରିଥିବା ଉଲ୍ଲେଖ କରିଛନ୍ତି। ହେଲେ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି ବିଧାୟକ ହାଟଡିହି ସ୍କୁଲରୁ ଦଶମ ଶ୍ରେଣୀ ପାସ୍ କରିନଥିବା ବେଳେ ଅନ୍ୟ ସାର୍ଟିଫିକେଟଗୁଡ଼ିକର ମଧ୍ୟ ତାଳମେଳ ରହୁନଥିବା ମଂଚ ଅଭିଯୋଗ କରିଛି । ସେପଟେ ଏହାର ଜବାବ ରଖି ଶ୍ରୀକାନ୍ତ କହିଛନ୍ତି ଯେ ସତ୍ୟପାଠରେ ଦଶମ ପାସ୍ ବୋଲି ଲେଖିନାହିଁ। ତାଙ୍କ ଲୋକପ୍ରିୟତାରେ ଇର୍ଷାନ୍ୱିତ ହୋଇ ସମ୍ପୃକ୍ତ ବ୍ୟକ୍ତି ଏହି ଅଭିଯୋଗ ଆଣିଛନ୍ତି।



ହୁଣ୍ଡିର ଆୟ (୧୨.୧୦.୧୭)
୧,୮୦,୪୬୨

## ବମିଖାଲ ଓଭରବ୍ରିଜ୍ ଭୁଷୁଡିବା ଘଟଣାରେ ୨ ଜଣଙ୍କୁ ଜାମିନ୍

ଭୁବନେଶ୍ୱର , ୧୧।୧୦ (ସକାଳ ଖବର): ଭୁବନେଶ୍ୱର ବମିଖାଲରେ ନିର୍ମାଣାଧୀନ ଓଭର ବ୍ରିଜ୍ ଭୁଶୁଡିବା ଘଟଣାରେ ଦୁଇ ଜଣଙ୍କୁ ଜାମିନ ମିଳିଛି। ସେମାନେ ହେଲେ ପ୍ରକଳ୍ପ ମ୍ୟାନେଜର ବିପୁଲ ଚକ୍ରବର୍ତୀ ଓ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ କିଶୋର ରାଉତା ଗୁରୁବାର ଖୋର୍ଦ୍ଧା ଜିଲ୍ଲା ଓ ଦୌରା ଜଜ୍ ଙ୍କ କୋର୍ଟରୁ ସେମାନଙ୍କୁ ଜାମିନ ମିଳିଛି ।

DSPL-148

I&PR - 05001/13/0015/1718

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**